ପ୍ରଗତିବାଦୀ
PRAGATIVADI

03rd Nov, 2019

# ଆଇଆଇଟିର ମିନି ମାରାଥନ



• ଜଟଣୀ,ପିଏନଏସ

ଇଣ୍ଡିଆନ୍ ଇନିଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି (ଆଇଆଇଟି) ଭୁବନେଶ୍ୱର, ଜଟଣୀ କ୍ୟାମ୍ପସ୍ ସମ୍ମୁଖରୁ ଏକ ମିନି ମାରାଥନ୍ ଆୟୋଜନ କରାଯାଇଥିଲା। ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମ ଜୟନ୍ତୀ ଅବସରରେ ରାଷ୍ଟ୍ରୀୟ ଏକତା ଦିବସ ପାଳନ ପରିପ୍ରେକ୍ଷୀରେ ଏହା ପାଳିତ ହେଉଛି। ଶନିବାର ଦିନ ଆଇଆଇଟି ପକ୍ଷରୁ ଲୌହ ମାନବ ପଟେଲଙ୍କୁ ମନେ ପକାଇବା ସହ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ଜଟଣୀ ସ୍ଥିତ ଆଇଆଇଟି କ୍ୟାମ୍ପସ ସମ୍ମୁଖରୁ ସହରର ବିଭିନ୍ନ ଅଞ୍ଚଳ ଏହି ମିନି ମାରାଥନ୍ ପରିକ୍ରମା କରିଥିଲା। ଏଥିରେ ୬ ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଓ ଉଚ୍ଚ ଅଧିକାରୀମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ନିର୍ଦ୍ଦେଶକ ଆର. ଭି. ରାଜକୁମାର ପତାକା ଦେଖାଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିବା ବେଳେ ଦେବରାଜ ରଥ, ଶଙ୍କର୍ଷଣ ମହାପାତ୍ର, ଶ୍ରୀନିବାସ ଭାସ୍କର ପ୍ରମୁଖ ସାମିଲ ଥିଲେ। ଛାତ୍ରଛାତ୍ରୀଙ୍କ ନିରାପତ୍ତା ଦୃଷ୍ଟିରୁ ଜଟଣୀ ପୋଲିସ୍ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା।